## ସଂକ୍ଷେପରେ

### କଟକଣା ସତ୍ତ୍ୱେ ବାଜୁଛି ଡିଜେ
#### ନିୟମ ଭାଙ୍ଗିଲେ ତୁରନ୍ତ ସିଜ୍ ନିର୍ଦ୍ଦେଶ

**ଅନୁଗୋଳ ଅଫିସ,୧୭।୩:** ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ଗତ ୧୪ ତାରିଖରୁ ଡିଜେ ସାଉଣ୍ଡ ଉପରେ ସମ୍ପୂର୍ଣ୍ଣ ରୋକ୍ ଲଗାଯାଇଛି। ଏହା ସତ୍ତ୍ୱେ କଟକଣା ଭାଙ୍ଗି ବିଭିନ୍ନ ସ୍ଥାନରେ ବିକଟାଳ ଶବ୍ଦ କରି ଡିଜେ ବାଜୁଛି। ଖୋଦ୍ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ନଜରକୁ ଏହା ଆସିବା ପରେ ଡିଜେ ଗାଡ଼ି ଦେଖିବା ମାତ୍ରେ ସିଜ୍ କରିବା ପାଇଁ ସେ ସମସ୍ତ ତହସିଲଦାର, ଥାନା ଅଧିକାରୀ ଓ ପରିବହନ ଅଧିକାରୀଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି। ଡିଜେ ଖଞ୍ଜାଯାଇଥିବା ଗାଡ଼ିଗୁଡ଼ିକ ମୋଟରଯାନ ନିୟମ ଅନୁଯାୟୀ କ୍ଷମତାପୂର୍ଣ୍ଣ ପ୍ରାଧିକାରୀଙ୍କଠାରୁ ଅନୁମତି ନେବେ। ନଚେତ୍ ଗାଡ଼ିକୁ ଜବତ କରାଯିବ। କେବଳ ୬୫ ଡେସିବେଲ ପର୍ଯ୍ୟନ୍ତ ଶବ୍ଦକୁ ଅନୁମତି ଦିଆଯିବ। ଏହାଠାରୁ ଅଧିକ ଶବ୍ଦ ହେଉଥିବା ଅଭିଯୋଗ ଆସିଲେ ଦାୟିତ୍ୱଧାରୀ ଅଧିକାରୀ ପ୍ରଦୂଷଣ ମାତ୍ରା ଆକଳନ କରିବେ। ଏହାପରେ ଗାଡ଼ିକୁ ଜବତ କରାଯିବ ବୋଲି ଜିଲାପାଳ ନିର୍ଦ୍ଦେଶ ଜାରି କରିଛନ୍ତି।

### ଆଖିକୁ ବାଲି ମାଡ଼ କରି ଆକ୍ରମଣ: ୨ କମ୍ପାନୀ କର୍ମଚାରୀ ଗୁରୁତର

**ଛେଣ୍ଡିପଦା,୧୭।୩(ସ୍ୱ.ପ୍ର):** ଜିନ୍ଦଲ କମ୍ପାନୀରୁ କାମ ସାରି ଘରକୁ ଫେରୁଥିବାବେଳେ ୨ ଜଣ କର୍ମଚାରୀ ଦୁର୍ବୃତ୍ତଙ୍କ ଆକ୍ରମଣର ଶିକାର ହୋଇଛନ୍ତି। ସେମାନେ ହେଲେ ଛେଣ୍ଡିପଦା ବ୍ଲକ ନିଶା ଶିଳ୍ପାଞ୍ଚଳ ଥାନା ବଡ଼କେରଜାଙ୍ଗ ଗ୍ରାମର ବବଲୁ ସାହୁ (୨୧) ଓ ତାଙ୍କ ବନ୍ଧୁ ମାନସ ସାହୁ (୨୦)। ଅଭିଯୋଗ ଅନୁଯାୟୀ, ବୁଧବାର ସନ୍ଧ୍ୟାରେ ଉଭୟେ କମ୍ପାନୀରୁ କାମ ସାରି ଏକ ବାଇକ୍ ଯୋଗେ ଘରକୁ ଫେରୁଥିବାବେଳେ ୨ ଜଣ ଦୁର୍ବୃତ୍ତ ସେମାନଙ୍କ ଆଖିକୁ ବାଲିମାଡ଼ କରିଥିଲେ। ଦୁହେଁ ବାଇକ୍‌ରୁ ତଳେ ପଡ଼ିଯିବା ପରେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ସୂଚନା ପାଇ ବବ୍‌ଲୁଙ୍କ ପରିବାର ସଦସ୍ୟ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ପ୍ରଥମେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ କଟକସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ବବ୍‌ଲୁଙ୍କ ଅଜା କୃତାର୍ଥ ସାହୁଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୫୪/୨୩ରେ ଏକ ମାମଲା ରୁଜୁ କରିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

### ମନ୍ଦିର ପ୍ରତିଷ୍ଠାତାଙ୍କ ପରଲୋକ

**ବଇଣ୍ଡା,୧୭।୩(ଡି.ଏନ.ଏ.):** ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଗ୍ରାମରେ ଥିବା ତାରିଣୀ ମନ୍ଦିରର ପ୍ରତିଷ୍ଠାତା କୁଳମଣି କରଣ (୭୭)ଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ସେ କିଛି ଦିନ ହେଲା ଅସୁସ୍ଥ ଥିଲେ। ତାଙ୍କ ଉଦ୍ୟମରେ ବଇଣ୍ଡାଠାରେ ମା’ ତାରିଣୀଙ୍କ ମନ୍ଦିର ପ୍ରତିଷ୍ଠା ହୋଇଥିଲା। ତାଙ୍କ ଦେହାନ୍ତରେ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସାମାଜିକ କର୍ମୀ ରଣଜିତ ପଟ୍ଟନାୟକ, ନୁନୁକାପଶି ସରପଞ୍ଚ ଦୀପ୍ତିମୟୀ ସାହୁ, ପୂର୍ବତନ ସରପଞ୍ଚ ଜଳଧର ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

# ‘ଗାଡ଼ି ରଖୁ ଛୁ’

- ମୁଣ୍ଡବ୍ୟଥା ବଢ଼ାଇଛି ରାସ୍ତା କଡ଼ରେ ବେଆଇନ ପାର୍କିଂ
- ବଢ଼ୁଛି ଦୁର୍ଘଟଣା, ଉଦ୍‌ବେଗ ବ୍ୟକ୍ତ କଲେ ବୁଦ୍ଧିଜୀବୀ
- ନିୟମ ଭଙ୍ଗକାରୀଙ୍କୁ ନୋଟିସ ଦେବ ପରିବହନ ବିଭାଗ

**ଅନୁଗୋଳ ଅଫିସ,୧୭।୩**

ନୂଆ ରୂପ ନେଉଛି ଅନୁଗୋଳ। ବଦଳୁଛି ସହରର କଳେବର। ସହରବାସୀଙ୍କ ଯାତାୟାତ ସୁଗମ ଲାଗି ଜବରଦଖଲ ଉଚ୍ଛେଦ ଚାଲିଛି। ରାତାରାତି ଚଉଡ଼ା ହେଉଛି ବ୍ୟସ୍ତବହୁଳ ରାସ୍ତା। ହେଲେ ଏହି ପ୍ରଶସ୍ତ ସଡ଼କରେ ଗମନାଗମନ କରିବା ସହଜ ହେଉନାହିଁ। କାରଣ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ରାସ୍ତାକୁ କବ୍‌ଜା କରୁଛନ୍ତି ଗାଡ଼ି ମାଲିକ ଏବଂ ଡ୍ରାଇଭର। ଏଭଳି ବେଆଇନ ପାର୍କିଂ କାରଣରୁ ସୃଷ୍ଟି ହେଉଛି ଟ୍ରାଫିକ୍ ଜାମ୍ ପରିସ୍ଥିତି। ଅନେକ ସମୟରେ ଦୁର୍ଘଟଣା ମଧ୍ୟ ଘଟୁଛି। ଜରୁରୀ କାର୍ଯ୍ୟରେ ବାହାରି ଥିବା ଲୋକେ ଘଣ୍ଟା ଘଣ୍ଟା ଧରି ଫସିରହୁଛନ୍ତି। ପୋଲିସ, ପୌର ପ୍ରଶାସନ ଏବଂ ପରିବହନ ବିଭାଗ ପକ୍ଷରୁ ଏଭଳି ବେଆଇନ ପାର୍କିଂ କରୁଥିବା ଗାଡ଼ି ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଏହାକୁ ନେଇ ବୁଦ୍ଧିଜୀବୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି।

ଅନୁଗୋଳ ସହରାଞ୍ଚଳରେ ଜନସଂଖ୍ୟା ବଢ଼ୁଛି। ଏଥିସହିତ ଗାଡ଼ି ଚାଳକଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ହେଲେ ସର୍ବସାଧାରଣ ସ୍ଥାନରେ ବେପରୁଆ ପାର୍କିଂକୁ ନେଇ ଏବେ ମୁଣ୍ଡବ୍ୟଥା ବଢ଼ିବାରେ ଲାଗିଛି। ସ୍ଥାନୀୟ ବାଳସୁଧାର ଗୃହ ପାଖରୁ ଅମଲାପଡ଼ା ରାସ୍ତା ଏବଂ ଡିଆଇସି ଛକ ଯାଏ ରାସ୍ତାର ଦୁଇ ପାର୍ଶ୍ୱରେ ସକାଳୁ ରାତି ଯାଏ ଶହଶହ ସଂଖ୍ୟାରେ ଗାଡ଼ି ବେଆଇନ ଭାବେ ପାର୍କିଂ କରାଯାଉଛି। ଫଳରେ ଏହି ଦୁଇ ବ୍ୟସ୍ତବହୁଳ ସଡ଼କ ମାତ୍ରାଧିକ ସଂକୀର୍ଣ୍ଣ ହୋଇପଡୁଛି। ବାଳସୁଧାର ଗୃହ ନିକଟରୁ ଡିଆଇସି ଛକକୁ ସଂଯୋଗ କରୁଥିବା ରାସ୍ତାର ପୌରପାଳିକା କଲୋନୀ ନିକଟରେ ବିଜୁ ଉଦ୍ୟାନ ରହିଛି। ସେଠାରେ ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ଚଳପ୍ରଚଳ କରିଥାନ୍ତି। ହେଲେ ଏଭଳି ବେଆଇନ ପାର୍କିଂ ସେମାନଙ୍କ ଜୀବନକୁ ବିପଦ ମଧ୍ୟକୁ ଠେଲିଦେଉଛି। ସାମାନ୍ୟ ଅନ୍ୟମନସ୍କ ହେଲେ ଧନଜୀବନ ହାନି ହେବାର ଆଶଙ୍କା ଏଡ଼ାଇ ଦିଆଯାଇପାରୁନାହିଁ। ଅନୁରୂପ ଦୃଶ୍ୟ ଦେଖିବାକୁ ମିଳିଛି ବାଳସୁଧାର ଗୃହଠାରୁ ଅମଲାପଡ଼ାକୁ ସଂଯୋଗ କରୁଥିବା ରାସ୍ତାରେ। ଏହି ସଡ଼କର ଉଭୟ ପାର୍ଶ୍ୱରେ ବହୁ ଆବାସିକ କାର୍ଯ୍ୟାଳୟ, ସରକାରୀ କୋଠା ରହିଛି। ଅନେକ ବ୍ୟବସାୟିକ ପ୍ରତିଷ୍ଠାନ ମଧ୍ୟ ଗଢ଼ିଉଠିଛି। ହେଲେ ରାସ୍ତାପାର୍ଶ୍ୱରେ ଗାଡ଼ିଚାଳକମାନେ ମନଇଚ୍ଛା ଗାଡ଼ି ଛିଡ଼ା କରି ବ୍ୟକ୍ତିଗତ କାମରେ ପଳାଉଥିବାରୁ ସହରବାସୀ ଯାତାୟାତରେ ସମସ୍ୟା ଭୋଗୁଛନ୍ତି। ଏଭଳି ବେଆଇନ ପାର୍କିଂ ମୁଖ୍ୟ ସଡ଼କରୁ ବାହାରି ଏବେ ଗଳିକନ୍ଦିକୁ ବ୍ୟାପିଲାଣି, ଯାହା ସାଧାରଣ ଲୋକଙ୍କ ଚିନ୍ତାର କାରଣ ପାଲଟିଛି।

ଏ ସମ୍ପର୍କରେ ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ନିଖିଲ ପଟ୍ଟନାୟକ କୁହନ୍ତି, ଏଭଳି ଘଟଣା ନଜରକୁ ଆସିଛି। ବେଆଇନ ଭାବେ ପାର୍କିଂ ହେଉଥିବା ଗାଡ଼ିଗୁଡ଼ିକ ଚିହ୍ନଟ କରାଯିବ। ନିୟମ ଭାଙ୍ଗୁଥିବା ଗାଡ଼ି ମାଲିକଙ୍କୁ ପ୍ରଥମେ ନୋଟିସ୍ ଦେଇ ତାଗିଦା କରାଯିବ। ତଥାପି ନ ସୁଧୁରିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।


ରାସ୍ତାପାର୍ଶ୍ୱରେ ବେଆଇନ ଭାବେ ଗାଡ଼ି ପାର୍କିଂ କରାଯାଇଛି।

### ବସ୍ ଡ୍ରାଇଭରଙ୍କୁ ବୁଦ୍ଧି ଶିଖାଇଲେ ଅଧିକାରୀ

ନିକଟରେ ସହରର ଜଣେ ପ୍ରଶାସନିକ ଅଧିକାରୀ ଏଭଳି ବେଆଇନ ପାର୍କିଂ ଯୋଗୁ ଘରକୁ ଯିବାକୁ ବାଟ ପାଇ ନ ଥିଲେ। କାରଣ ସମ୍ପୃକ୍ତ ଅଧିକାରୀଙ୍କ ଘର ସମ୍ମୁଖରେ ଏକ ବସ୍ ପାର୍କିଂ ହୋଇଥିଲା। ହେଲେ ଏହାର ଡ୍ରାଇଭରଙ୍କ ଦେଖା ମିଳି ନ ଥିଲା। ଦୀର୍ଘ ସମୟ ଧରି ଛିଡ଼ା ହେବା ପରେ ଡ୍ରାଇଭରଙ୍କୁ ବୁଦ୍ଧି ଶିଖାଇବାକୁ ଅଧିକାରୀଜଣକ ଗାଡ଼ିର ଚାବି ବାହାର କରି ନେଇଯାଇଥିଲେ ଏବଂ ଡ୍ରାଇଭର ପହଞ୍ଚିବା ପରେ ତାଙ୍କୁ ତାଗିଦା କରି ଛାଡ଼ିଥିଲେ। ଏଭଳି ବହୁ ଘଟଣା ପ୍ରତିଦିନ ଘଟୁଛି। ହେଲେ ପରିବହନ ବିଭାଗ, ପୋଲିସ କିମ୍ବା ପୌର ପ୍ରଶାସନ ଏ ଦିଗରେ ସାମାନ୍ୟତମ ନିଘା ରଖୁନାହିଁ। ତେଣୁ ବେଆଇନ ପାର୍କିଂ ସମସ୍ୟା ଦିନକୁ ଦିନ ଅଣାୟତ୍ତ ହେଉଥିବା ଚର୍ଚ୍ଚା ହେଉଛି।

### ଚୋରା ମଦ କାରବାର ବୃଦ୍ଧି

**ବଇଣ୍ଡା,୧୭।୩(ଡି.ଏନ.ଏ.)**

ଅନୁଗୋଳ ଜିଲା ଠାକୁରଗଡ଼ ଥାନା ଅଞ୍ଚଳରେ ଚୋରା ମଦ କାରବାର ବଢ଼ୁଥିବା ଅଭିଯୋଗ ହୋଇଛି। ଠାକୁରଗଡ଼, ପାଇକସାହି, ଟାପଡୋଲ, କନ୍ତପଡ଼ା, ଆମ୍ବସରମୁଣ୍ଡା, ମଇମୁରା, ସାନହୁଲା, ପେଡ଼ିପଥର ଆଦି ପଞ୍ଚାୟତରେ ଏଭଳି ବେଆଇନ ନିଶା କାରବାର ଚିନ୍ତା ବଢ଼ାଇଛି। ଅବକାରୀ ବିଭାଗ ଏବଂ ପୋଲିସ ପ୍ରଶାସନର କୋହଳ ମନୋଭାବ ପାଇଁ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା ଅଞ୍ଚଳବାସୀ କହିଛନ୍ତି। ଏହାକୁ ରୋକିବା ଦିଗରେ ପଦକ୍ଷେପ ନେବାକୁ ସେମାନେ ଶୁକ୍ରବାର ଏସ୍‌ପିଙ୍କୁ ଅଭିଯୋଗପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି।

ଗ୍ରାମବାସୀ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି, ଅଞ୍ଚଳର ବହୁ ତେଜରାତି ଦୋକାନୀ, ପାନ ଦୋକାନୀ ଲୁଚାଚୋରାରେ ମଦ ଆଣି ବିକ୍ରି କରୁଛନ୍ତି। ଏ ନେଇ ଅବଗତ କରାଇବା ସତ୍ତ୍ୱେ ବିଭାଗ ପକ୍ଷରୁ ଚଢ଼ାଉ କରାଯାଉନାହିଁ। ଏଥିରେ ଅବକାରୀ ଓ ପୋଲିସ ବିଭାଗର କେତେଜଣ ଅଧସ୍ତନ କର୍ମଚାରୀ ସମ୍ପୃକ୍ତ ଅଛନ୍ତି। ସେମାନେ ଚଢ଼ାଉ ପୂର୍ବରୁ ମଦ ବ୍ୟବସାୟୀଙ୍କୁ ଅବଗତ କରାଇଦେଉଥିବା ପାଇକସାହି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏଥିପ୍ରତି ଦୃଷ୍ଟି ଦେବାକୁ ଠାକୁରଗଡ଼ ଗ୍ରାମବାସୀ ଏସ୍‌ପିଙ୍କ ନିକଟରେ ଦାବି କରିଛନ୍ତି। ଏ ନେଇ ଆଠମଲ୍ଲିକ ଅବକାରୀ ବିଭାଗ ଉପ ନୀରିକ୍ଷକ ଧରଣୀଧର ପ୍ରହରାଜ କହିଛନ୍ତି, ବିଭାଗ ପକ୍ଷରୁ ଚୋରା ମଦ କାରବାର ରୋକିବା ଉପରେ ପଦକ୍ଷେପ ନିଆଯାଉଛି।

## ତେଲ ଅଭାବ, ଗ୍ରାହକ ହୀନସ୍ତା

**ବଇଣ୍ଡା, ୧୭।୩(ଡି.ଏନ୍.ଏ.)**

ଡ୍ରାଇଭରଙ୍କ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଯୋଗୁ ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡରେ ପେଟ୍ରୋଲ, ଡିଜେଲ ଅଭାବ ଦେଖାଦେଇଛି। ଟାଙ୍କିରେ ତେଲ ନ ଥିବା କହି ଗ୍ରାହକଙ୍କୁ ଆବଶ୍ୟକତା ଅନୁଯାୟୀ ପେଟ୍ରୋଲ ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ଜରୁରୀ କାମରେ ଘରୁ ବାହାରିଥିବା ବାଇକ୍ ଚାଳକଙ୍କୁ ୫୦ରୁ ୧୦୦ ଟଙ୍କାର ତେଲ ଦିଆଯାଉଛି। ଏହାକୁ ନେଇ ଅକଳରେ ପଡ଼ିଛନ୍ତି କର୍ମଜୀବୀ। ବିଶେଷ କରି ଅପହଞ୍ଚ ଇଲାକାରେ ଥିବା ବିଦ୍ୟାଳୟକୁ ଦୈନିକ ପାଠ ପଢ଼ାଇବା ପାଇଁ ଯାଉଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ ଆବଶ୍ୟକ ପରିମାଣର ପେଟ୍ରୋଲ ମିଳୁ ନ ଥିବାରୁ ଚିନ୍ତାରେ ପଡ଼ିଛନ୍ତି। କେତେଜଣ ବ୍ୟବସାୟୀ ଆଗୁଆ ତେଲ ଗଚ୍ଛିତ କରି ଖୋଲା ବଜାରରେ ୨୦ ଟଙ୍କା ଅଧିକ ଦରରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଜଣେ ପେଟ୍ରୋଲ ପମ୍ପ ମାଲିକ ନିଜ ନାମ ଗୋପନ ରଖିବା ସର୍ତ୍ତରେ କୁହନ୍ତି, ଟାଙ୍କିରେ ଥିବା ତେଲ ସରିଆସିଲାଣି । ଆଉ ଯାହା ବଳକା ଅଛି, ତାହା ଭାଗବାଣ୍ଟି ଦିଆଯାଉଛି । ପେଟ୍ରୋଲ ଟାଙ୍କି ଗାଡି ଆସିଲେ ସମସ୍ୟା ସମାଧାନ ହୋଇଯିବ।

ଅନ୍ୟପଟେ ୫୫ନଂ. ଜାତୀୟ ରାଜପଥ ପାର୍ଶ୍ୱର ବଇଣ୍ଡା, ନାକିଚି, ବାମୁର ଆଦି ସ୍ଥାନରେ ଡ୍ରାଇଭର ସଂଘ ପକ୍ଷରୁ ଅସ୍ଥାୟୀ କ୍ୟାମ୍ପ କରି ଆନ୍ଦୋଳନ ଚାଲିଥିଲା। ଫଳରେ ରାଜ୍ୟ ବାହାରୁ ଆସିଥିବା ମାଲ୍‌ବାହୀ ଗାଡ଼ିଗୁଡ଼ିକ ରାସ୍ତାରେ ଅଟକି ରହିଥିଲା। ଶୁକ୍ରବାର ସନ୍ଧ୍ୟାରେ ଡ୍ରାଇଭର ଏକତା ମହାମଞ୍ଚ ପକ୍ଷରୁ ଆନ୍ଦୋଳନ ପ୍ରତ୍ୟାହୃତ ହେବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଛି। ଦିନେ ଦୁଇଦିନ ମଧ୍ୟରେ ବଜାରରେ ସାମଗ୍ରୀ, ପେଟ୍ରୋଲ, ଡିଜେଲ ପହଞ୍ଚିଲେ ସ୍ଥିତି ସ୍ୱାଭାବିକ ହୋଇଯିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।


ଆନ୍ଦୋଳନ ପ୍ରତ୍ୟାହାର ପୂର୍ବରୁ ରାସ୍ତାରେ ସୃଷ୍ଟି ହୋଇଥିବା ଜାମ୍ ପରିସ୍ଥିତି।

## ‘ଅବଧୂତ ସନ୍ଥ କଇଁଫୁଲ ବାବା’ ପୁସ୍ତକ ଉନ୍ମୋଚିତ

**ମାଧପୁର,୧୭।୩**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ କମ୍ପଲା ପଞ୍ଚାୟତସ୍ଥିତ ବାବା କଇଁଫୁଲ ମଠ ସଭାମଣ୍ଡପଠାରେ ଗୁରୁବାର କଇଁଫୁଲ ବାବାଙ୍କ ଜୀବନୀ ଓ ଅଲୌକିକତା ଉପରେ ଆଧାରିତ ପୁସ୍ତକ ‘ଅବଧୂତ ସନ୍ଥ କଇଁଫୁଲ ବାବା’ ଉନ୍ମୋଚିତ ହୋଇଛି। ମଠର ସଭାପତି ଉଦ୍ଧବ ମେହେରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ତ୍ରିଧାରା ସାହିତ୍ୟ ସଂସଦ ସହ ସମ୍ପାଦକ ଘନଶ୍ୟାମ ସାହୁ ଯୋଗଦେଇ ଏହାର ଉନ୍ମୋଚନ କରିଥିଲେ। ଏହି ଅବସରରେ ପୁସ୍ତକର ଲେଖକ ଅଧ୍ୟାପକ ଡ. ସୁରେନ୍ଦ୍ର ପ୍ରସାଦ ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ଟ୍ରଷ୍ଟି ଯତୀନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବହୁ ଜନସାଧାରଣ ଯୋଗଦେଇଥିଲେ।


‘ଅବଧୂତ ସନ୍ଥ କଇଁଫୁଲ ବାବା’ ପୁସ୍ତକର ଲେଖକ ସୁରେନ୍ଦ୍ର ମହାନ୍ତିଙ୍କୁ ସମ୍ମାନିତ କରାଯାଉଛି।

## ୨୩ରେ ମା’ ବାୟାଣୀଙ୍କ ବାର୍ଷିକ ପୂଜା

**ଛେଣ୍ଡିପଦା,୧୭।୩(ସ୍ୱ.ପ୍ର)**

ଆସନ୍ତା ୨୩ ତାରିଖରେ ଛେଣ୍ଡିପଦା ବ୍ଲକ ପାତ୍ରପଡ଼ାର ଅଧିଷ୍ଠାତ୍ରୀ ଦେବୀ ମା’ ବାୟାଣୀଙ୍କ ବାର୍ଷିକ ପୂଜା ଅନୁଷ୍ଠିତ ହେବ। ଏ ନେଇ ଗୁରୁବାର ଗ୍ରାମ କମିଟି ନୂତନ ସଭାପତି ଅବସରପ୍ରାପ୍ତ ଶିକ୍ଷକ ଚକ୍ରଧର ପ୍ରଧାନଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବାର୍ଷିକ ପୂଜାକୁ କିଭଳି ଶାନ୍ତିଶୃଙ୍ଖଳାର ସହ ପାଳନ କରାଯିବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ବିଶେଷକରି ପାନୀୟ ଜଳ ଯୋଗାଣ, ଟ୍ରାଫିକ ବ୍ୟବସ୍ଥା ଆଦି ଉପରେ ଗୁରୁତ୍ୱ ଦିଆଯାଇଥିଲା। ସରପଞ୍ଚଙ୍କ ପ୍ରତିନିଧି ହିମାଂଶୁ ଶେଖର ସାହୁ, ପୂର୍ବତନ ସରପଞ୍ଚ ଯୋଗେଶ୍ୱର ସାହୁ, ଚୈତନ୍ୟ ସାହୁ, ରମାକାନ୍ତ ସାହୁ, ଯଦୁମଣି ସାହୁ, ଭଜମନ ସାହୁ, କାଳିଆ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ଜନପ୍ରତିନିଧି ଏବଂ ମନ୍ଦିର କମିଟି କର୍ମକର୍ତ୍ତା।

## ପାଣ୍ଠି ବିନିଯୋଗ ସମ୍ପର୍କିତ ତାଲିମ


ବୈଠକରେ ବନ ସଂରକ୍ଷଣ ସମିତି କର୍ମକର୍ତ୍ତାଙ୍କ ସମେତ ଅନ୍ୟମାନେ।

**ମାଧପୁର, ୧୭।୩**

ଆଠମଲ୍ଲିକ ବନଖଣ୍ଡ ମାଧପୁର ବନାଞ୍ଚଳ ଅଧୀନ ଚନ୍ଦ୍ରପୁର ବନ ସୁରକ୍ଷା ସମିତି ଗୃହଠାରେ ପାଣ୍ଠି ବିନିଯୋଗ ସମ୍ପର୍କିତ ଏକ ଦିବସୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚନ୍ଦ୍ରପୁର ଏବଂ ବିଜପୁର ବନସୁରକ୍ଷା ସମିତି ଅଧୀନ ୯ ଗୋଷ୍ଠୀ ସଭାପତି, କୋଷାଧ୍ୟକ୍ଷ, ଆନିମେଟରଙ୍କ ସମେତ ମୋଟ ୩୩ଜଣ ଅଂଶଗ୍ରହଣ କରିଥିଲେ। ମିଶନ ଶକ୍ତି ଅଧିକାରୀ ଯଶୋବନ୍ତ ପ୍ରଧାନ, ଜୀବିକା ମିଶନର ଅଧିକାରୀ କ୍ଷଣପ୍ରଭା ତ୍ରିପାଠୀ ପ୍ରଶିକ୍ଷକ ଭାବେ ଯୋଗଦେଇ ବନ ସୁରକ୍ଷା ସମିତିକୁ ମିଳୁଥିବା ଅନୁଦାନର ସଦ୍‌ବିନିଯୋଗ, ହିସାବ ଉପରେ ପ୍ରଶିକ୍ଷଣ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ମାଧପୁର ବନାଞ୍ଚଳ ଅଧିକାରୀ ସନ୍ତୋଷ ଭୋଇ ଯୋଗଦେଇଥିଲେ। ବୈଷୟିକ ବିଶେଷଜ୍ଞ ଗିରିଜା ଶଙ୍କର ଦାସ, କିଡ୍‌ସର ମାର୍କେଟିଂ ମ୍ୟାନେଜର ରାଜେଶ ଚନ୍ଦ୍ର ଦାସ ଉପସ୍ଥିତ ଥିଲେ। ବନ ସଂଯୋଜକ ଅମରେଶ ପ୍ରସାଦ ଦାସ, କୁମୁଦିନୀ ପାଣି, ତନୁଶ୍ରୀ ବଘାର, ପରେଶ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ବନ ସଂଯୋଜକ ଦେବାନନ୍ଦ ନାୟକ ସଂଯୋଜନା କରିଥିଲେ।

## ୬୫ ୟୁନିଟ୍ ରକ୍ତ ସଂଗ୍ରହ

**ଛେଣ୍ଡିପଦା,୧୭।୩(ସ୍ୱ.ପ୍ର)**

ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରାଙ୍କ ଜନ୍ମଦିନ ଉପଲକ୍ଷେ ପାତ୍ରପଡା ପଞ୍ଚାୟତ ଗଡ଼ମଣ୍ଡଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ଆୟୋଜିତ ଏହି ଶିବିରରେ ୬୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ନିର୍ବାଚନ ମଣ୍ଡଳୀ ସଭାପତି ସତ୍ୟବ୍ରତ ଦେହୁରୀ, କାର୍ଯ୍ୟକାରୀ ସଭାପତି ପ୍ରଦୀପ ସାହୁ, ଜିଲା ଯୁବ ସଭାପତି ଦୀନେଶ ପ୍ରଧାନ, ବ୍ଲକ ସଭାପତି ଶରତ ଗଡ଼ନାୟକ, ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ଟାଙ୍ଗିରୀ ସରପଞ୍ଚ ଅମରେଶ ନାଥ, କଣଲୋଇ ସରପଞ୍ଚ ଜନ୍ମେଜୟ ମାଝି, ଯୁବ ସଭାପତି ଆଶିଷ ପ୍ରଧାନ, ନିର୍ବାଚନ ମଣ୍ଡଳୀ ଛାତ୍ର ସଭାପତି ରନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଗୋଳ ରକ୍ତଭଣ୍ଡାରର କର୍ମଚାରୀ ଏଥିରେ ସହଯୋଗ କରିଥିଲେ।



ସ୍ୱେଚ୍ଛାକୃତ ରକ୍ତଦାତାଙ୍କଠାରୁ ରକ୍ତ ସଂଗ୍ରହ କରାଯାଉଛି।

## ପରୀକ୍ଷାରୁ ବଞ୍ଚିତ ନର୍ସିଂ ଛାତ୍ରୀ

- କଲେଜ କର୍ତ୍ତୃପକ୍ଷ ନକଲି ଆଡ୍‌ମିଟ୍ କାର୍ଡ ଦେଇଥିବା ଅଭିଯୋଗ
- ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଲେ
- ସମାଧାନ ନ ହେଲେ ଆତ୍ମାହୁତି ଚେତାବନୀ

**ଅନୁଗୋଳ ଅଫିସ,୧୭।୩**

ଅନୁଗୋଳ ଜିଲା ଛେଣ୍ଡିପଦା ସାଇଶ୍ରଦ୍ଧା ନର୍ସିଂ କଲେଜରେ ପଢୁଥିବା ୨ୟ ବର୍ଷର ୭ ଜଣ ଛାତ୍ରୀ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି। କଲେଜ କର୍ତ୍ତୃପକ୍ଷ ନକଲି ଆଡମିଡ୍ କାର୍ଡ ଦେଇଥିବାରୁ ଏଭଳି ସମସ୍ୟା ଉପୁଜିଥିବା ସେମାନେ ଅଭିଯୋଗ କରିଛନ୍ତି। ନ୍ୟାୟ ଦାବିରେ ସମ୍ପୃକ୍ତା ଛାତ୍ରୀମାନେ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଆସନ୍ତା ୨୭ ତାରିଖରେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରରେ ଏହାର ସମାଧାନ କରାଯିବ ବୋଲି ପ୍ରଶାସନିକ ପ୍ରତିଶ୍ରୁତି ମିଳିବା ପରେ ଛାତ୍ରୀମାନେ ଧାରଣାରୁ ଓହରିଛନ୍ତି। ଯଦି ସମସ୍ୟାର ସମାଧାନ ନ ହୁଏ, ତେବେ ସମସ୍ତ ଛାତ୍ରୀ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି।

ଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ଅନୁଗୋଳ ସହର ଉପକଣ୍ଠରେ ଥିବା ଏକ ପରୀକ୍ଷା କେନ୍ଦ୍ରରେ ସେମାନେ ୨ୟ ବର୍ଷର ପରୀକ୍ଷା ଦେବେ ବୋଲି କଲେଜରୁ ମିଳିଥିବା ଆଡ୍‌ମିଟ୍ କାର୍ଡରେ ଉଲ୍ଲେଖ କରାଯାଇଥିଲା। ସେମାନେ ନିର୍ଦ୍ଧାରିତ ସମୟରେ ପରୀକ୍ଷା କେନ୍ଦ୍ରରେ ପହଞ୍ଚିଥିଲେ। ହେଲେ ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀ ଆଡ୍‌ମିଟ୍ କାର୍ଡ ଯାଞ୍ଚ ପରେ ନକଲି ବୋଲି କହିଥିଲେ। ଏହାପରେ ଛାତ୍ରୀମାନେ ପରୀକ୍ଷା ଦେଇ ନ ପାରି ନିରାଶରେ ଫେରିଥିଲେ। ଏ ସଂକ୍ରାନ୍ତରେ ଛାତ୍ରୀ ପ୍ରିୟଙ୍କା ନାଏକ, ସୁମତୀ ମାହାର, ଆଶାଞ୍ଜଳି ପ୍ରଧାନ ପ୍ରଥମେ ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ନ ଥିଲା। ତେଣୁ ସେମାନେ ଧାରଣାରେ ବସିଥିଲେ। କଲେଜ ଅଧ୍ୟକ୍ଷଙ୍କୁ ଗିରଫ କରିବା, ପୁନର୍ବାର ପରୀକ୍ଷା ପାଇଁ ସୁଯୋଗ ପ୍ରଦାନ, ସାଇ ଶ୍ରଦ୍ଧା ନର୍ସିଂ କଲେଜ ବନ୍ଦ କରିବାକୁ ଛାତ୍ରୀମାନେ ଦାବି କରିଛନ୍ତି।

ଏ ନେଇ କଲେଜ ଅଧ୍ୟକ୍ଷ କୈଳାସ ଚନ୍ଦ୍ର ଜେନାଙ୍କୁ ଯୋଗାଯୋଗ କରିବାକୁ ଉଦ୍ୟମ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରି ନାହିଁ। ଛେଣ୍ଡିପଦା ଥାନା ଅଧିକାରୀ ଧୀରେନ୍ ବେହେରା କହିଛନ୍ତି, ଛାତ୍ରୀମାନଙ୍କ ଅଭିଯୋଗକ୍ରମେ ଥାନାରେ ନଂ.୨୯/୨୩ରେ ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଛି। ୪୨୦ ଦଫାରେ କଲେଜରୁ କେତେକ ଦସ୍ତାବିଜ୍ ସିଜ୍ କରାଯାଇଛି। ଛାତ୍ରୀମାନଙ୍କୁ ନକଲି ଆଡମିଟ୍ କାର୍ଡ ଦିଆଯାଇଥିବା ଅଭିଯୋଗରେ ସତ୍ୟତା ଥିବା ଥାନାଧିକାରୀ କହିଛନ୍ତି। ସେହିଭଳି ଛାତ୍ରୀମାନଙ୍କୁ ଜାତିଆଣ ଆକ୍ଷେପ ନେଇ ଅନୁଗୋଳ ସଦର ଥାନାରେ ନଂ. ୨୯/୨୩ରେ ଅନ୍ୟ ଏକ ମାମଲା ରୁଜୁ ହୋଇଥିବା ସେ ସୂଚନା ଦେଇଛନ୍ତି।


ପରୀକ୍ଷାରୁ ବଞ୍ଚିତ ଛାତ୍ରୀମାନେ ଧାରଣାରେ ବସିଛନ୍ତି।

